**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ**

ଡବ୍ଲ୍ୟୁ.ପି.(ସି) ସଂଖ୍ୟା 3330/2017

(ଆଇ.ଏ.ସଂଖ୍ୟା 12445/2023)

*ରାଜ୍ୟ ସମାଜ କଲ୍ୟାଣ ବୋର୍ଡ଼, ଖୋର୍ଦ୍ଧା .... ଆବେଦନକାରୀ*

*-ବନାମ -*

*ସଞ୍ଜୁବାଳା ସାହୁ ଏବଂ ଅନ୍ୟମାନେ .... ପ୍ରତିପକ୍ଷମାନେ*

**ଏହି ମାମଲାରେ ହାଜର ହୋଇଥିବା ଅଧିବକ୍ତାମାନେ :**

ଆବେଦନକାରୀଙ୍କ ପାଇଁ - ଶ୍ରୀ ମାନସ ଚାନ୍ଦ, ଅଧିବକ୍ତା

ପ୍ରତିପକ୍ଷମାନଙ୍କ ପାଇଁ - ଶ୍ରୀ ଏ.କେ. ନନ୍ଦ, ଏଜିଏ
ଶ୍ରୀ ଏସ୍.କେ. ଦାସ, ଅଧିବକ୍ତା
ଶ୍ରୀ ପି.କେ. ଦାସ, ଅଧିବକ୍ତା
ଶ୍ରୀ ଏସ୍. ମହାନ୍ତି , ଅଧିବକ୍ତା

**ପୀଠାସୀନ:**

**ଅରିନ୍ଦମ ସିହ୍ନା, ନ୍ୟାୟମୂର୍ତ୍ତି**
**ମୃଗାଙ୍କ ଶେଖର ସାହୁ, ନ୍ୟାୟମୂର୍ତ୍ତି**

**ରାୟ**

---

**ଶୁଣାଣି ତାରିଖ: 3 ଜାନୁଆରୀ, 2024 ଏବଂ 16 ଜାନୁଆରୀ, 2024**
**ରାୟ ତାରିଖ: 16 ଜାନୁଆରୀ, 2024**

---

**ଅରିନ୍ଦମ ସିହ୍ନା, ନ୍ୟାୟମୂର୍ତ୍ତି**

**1.** ଆବେଦନକାରୀ- ପରିଚାଳନା ତରଫରୁ ହାଜର ହୋଇଥିବା ବିଜ୍ଞ ଅଧିବକ୍ତା ଶ୍ରୀ ଚାନ୍ଦ ରିଟ୍ ଆବେଦନର ଶୁଣାଣି ପାଇଁ ଦାବି କରନ୍ତି । ଶ୍ରୀଯୁକ୍ତ ଦାସ, ବିଜ୍ଞ ଅଧିବକ୍ତା ପ୍ରତିପକ୍ଷ ସଂଖ୍ୟା 1 (ଶ୍ରମିକ) ତରଫରୁ ହାଜର ହୁଅନ୍ତି ଏବଂ ଉପସ୍ଥାପନ କରନ୍ତି, ଶିଳ୍ପ ବିବାଦ ଅଧିନିୟମ, 1947ର ଧାରା 17-Bରେ ଥିବା ବ୍ୟବସ୍ଥାର ଅନୁପାଳନ ପାଇଁ ଅନେକ ନିର୍ଦ୍ଦେଶ ଦିଆଯାଇଛି ।

ପରିଶେଷରେ, ତାଙ୍କ ମହକିଲ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ସର୍ବନିମ୍ନ ମଜୁରୀ ହାରରେ ସମାୟାନୁକ୍ରମରେ 31 ଡିସେମ୍ବର, 2016 (ଅଧିନିର୍ଣ୍ଣୟ ତାରିଖ)ରୁ ଆଜି ପର୍ଯ୍ୟନ୍ତ, ପୂର୍ବରୁ ପ୍ରଦାନ କରାଯାଇଥିବା 1,60,113/- ଟଙ୍କା କାଟି, ମଜୁରି ପ୍ରଦାନ କରି, ତାଙ୍କ ମହକିଲଙ୍କୁ ପ୍ରତିକାର ପାଇଁ ପ୍ରାର୍ଥନା ସହିତ ଏହି ଆବେଦନ (ଆଇ.ଏ.ସଂଖ୍ୟା 12445/2023) ଦାଖଲ କରିଛନ୍ତି ।

**2.** ଶ୍ରୀଯୁକ୍ତ ମହାନ୍ତି, ବିଜ୍ଞ ଅଧିବକ୍ତା, ପ୍ରତିପକ୍ଷ ସଂଖ୍ୟା 2 (ଠିକାଦାର) ଏବଂ ଶ୍ରୀ ନନ୍ଦ, ବିଜ୍ଞ ଅଧିବକ୍ତା, ପ୍ରତିପକ୍ଷ ସଂଖ୍ୟା 4 ପାଇଁ ଅତିରିକ୍ତ ସରକାରୀ ଅଧିବକ୍ତା ହାଜର ହୁଅନ୍ତି ।

**3.** ଶ୍ରୀ ଦାସ **ଦେୱାନୀ ଆବେଦନ ସଂଖ୍ୟା 2578/2000 (ଶ୍ରମିକଙ୍କ ପ୍ରତିନିଧି ହିନ୍ଦୁସ୍ତାନ ଭେଜିଟେବୁଲ୍ ଅଏଲ୍ କର୍ପୋରେସନ୍ ଲିମିଟେଡ୍ ବନାମ ହିନ୍ଦୁସ୍ତାନ ଭେଜିଟେବୁଲ୍ ଅଏଲ୍ ନିଗମ ଲିମିଟେଡ୍ ଏବଂ ଅନ୍ୟମାନେ)**ରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା **ପ୍ରସ୍ତୁତ 10 ଏପ୍ରିଲ, 2000ର ଆଦେଶ** ଉପରେ ନିର୍ଭର କରନ୍ତି । ଆମେ ଆଦେଶର ଅନୁଚ୍ଛେଦ-2 ଏବଂ 3କୁ ପୁନଃ ପ୍ରସ୍ତୁତ କରୁଛୁ ।

*"2. ଆପତ୍ତି କରିବା ଅଧୀନରେ ଥିବା ଏହି ଆଦେଶ କଲିକତା ଉଚ୍ଚ ନ୍ୟାୟାଳୟଙ୍କ ଏକ ଖଣ୍ଡପୀଠ ଦ୍ୱାରା ପାରିତ ହୋଇଛି । ଏହାର କାର୍ଯ୍ୟକ୍ଷମ ଅଂଶରେ କୁହାଯାଇଛି ଯେ ବର୍ତ୍ତମାନର ଆବେଦନକାରୀଙ୍କ ଦ୍ୱାରା ଦାଖଲ ହୋଇଥିବା ରିଟ୍ ଆବେଦନ ଏବଂ ଶିଳ୍ପ ବିବାଦ ଅଧିନିୟମର ଧାରା 17B ଅନୁଯାୟୀ ସେମାନଙ୍କର ଆବେଦନକୁ ଶୀଘ୍ର ପରିସମାପ୍ତ କରାଯିବା ଉଚିତ । ଆମର ମତ ହେଉଛି ଯେ, ଧାରା 17B ଅଧୀନରେ ଏକ ଆବେଦନକୁ ମୁଖ୍ୟ ଆବେଦନର ପୂର୍ବରୁ ପରିସମାପ୍ତ କରାଯିବା ଉଚିତ ଏବଂ ଏହାର ସବୁଠୁ ଶୀଘ୍ର ଭାବରେ ସମାଧାନ କରାଯିବା ଉଚିତ ।*

*3. ତେଣୁ, ଆମେ, ଆପତ୍ତି ଅଧୀନରେ ଥିବା ଆଦେଶକୁ ଏପରି ଭାବରେ ରଦ୍ଦ କରୁଛୁ ଯେ ଏହା ରିଟ୍ ଆବେଦନ ଏବଂ ଧାରା 17B ଆବେଦନକୁ ଏକାଠି ପରିସମାପ୍ତି ହେବା ଆବଶ୍ୟକ ଏବଂ ଆମେ ନିର୍ଦ୍ଦେଶ ଦେଉଛୁ ଯେ ଧାରା 17B*

*ଆବେଦନ ବହୁତ ଶୀଘ୍ର ଏବଂ ରିଟ୍ ଆବେଦନର ପରିସମାପ୍ତି ହେବା ପୂର୍ବରୁ ସମାଧାନ ହେବା ଉଚିତ ।"*

ସେ ଉପସ୍ଥାପନ କରନ୍ତି, ରିଟ୍ ଆବେଦନର ଶୁଣାଣି ପାଇଁ ଅଗ୍ରସର ହେବା ପୂର୍ବରୁ ପ୍ରଥମେ ତାଙ୍କ ମହକିଲଙ୍କ ଉକ୍ତ ଆବେଦନ ଉପରେ ଆଦେଶ ଦିଆଯାଉ । ଶ୍ରୀ ଦାସ ଆହୁରି ଉପସ୍ଥାପନ କରନ୍ତି, ଧାରା 11(10) ଅନୁଯାୟୀ ତାଙ୍କ ମହକିଲଙ୍କ ପାଖରେ ଅନ୍ୟ ପ୍ରତିକାର ଅଛି ।

4. ଧାରା 17-B ନିମ୍ନରେ ପୁନଃସ୍ଥାପିତ କରାଯାଇଛି ।

*"**17B. [ଉଚ୍ଚ ନ୍ୟାୟାଳୟରେ ବିଚାରାଧୀନ କାର୍ଯ୍ୟାନୁଷ୍ଠାନ ପାଇଁ ଶ୍ରମିକଙ୍କୁ ସମ୍ପୂର୍ଣ୍ଣ ମଜୁରୀ ପ୍ରଦାନ ।** - ଯେ କୌଣସି ମାମଲାରେ, ଏକ ଶ୍ରମ ନ୍ୟାୟାଳୟ, ନ୍ୟାୟାଧିକରଣ କିମ୍ବା ଜାତୀୟ ନ୍ୟାୟାଧିକରଣ ନିଜର ଅଧିନିର୍ଣ୍ଣୟ ଦ୍ୱାରା କୌଣସି ଶ୍ରମିକଙ୍କୁ ପୁନଃସ୍ଥାପନ କରିବା ପାଇଁ ନିର୍ଦ୍ଦେଶ ଦିଅନ୍ତି ଏବଂ ନିଯୁକ୍ତିଦାତା ଉଚ୍ଚ ନ୍ୟାୟାଳୟ କିମ୍ବା ସର୍ବୋଚ୍ଚ ନ୍ୟାୟାଳୟରେ ଏପରି ଅଧିନିର୍ଣ୍ଣୟ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଆଗତ କରନ୍ତି, ଉଚ୍ଚ ନ୍ୟାୟାଳୟ କିମ୍ବା ସର୍ବୋଚ୍ଚ ନ୍ୟାୟାଳୟରେ ଏପରି କାର୍ଯ୍ୟାନୁଷ୍ଠାନ ବିଚାରଧୀନ ଥିବା ସମୟରେ, ନିଯୁକ୍ତିଦାତା ଏପରି ଶ୍ରମିକଙ୍କୁ ତାଙ୍କ ଦ୍ୱାରା ଶେଷ ଥର ପାଇଁ ନିଆଯାଇଥିବା ସମ୍ପୂର୍ଣ୍ଣ ମଜୁରୀ ସମେତ ଯଦି କୌଣସି ନିୟମ ଅନୁଯାୟୀ ତାଙ୍କୁ ସ୍ୱୀକୃତ ଭାବେ କୌଣସି ରକ୍ଷଣାବେକ୍ଷଣ ଭତ୍ତା ଲାଗୁଥାଏ, ପ୍ରଦାନ କରିବାକୁ ଉତ୍ତରଦାୟୀ ହେବେ, ଯଦି ସେହି ସମୟରେ ଶ୍ରମିକ କୌଣସି ପ୍ରତିଷ୍ଠାନରେ ନିଯୁକ୍ତ ହୋଇନଥିଲେ ଏବଂ ସେହି ଶ୍ରମିକଙ୍କ ଦ୍ୱାରା ଏପରି ନ୍ୟାୟାଳୟରେ ଏକ ସତ୍ୟପାଠ କରାଯାଇଥିଲା :*

*ଉଲ୍ଲେଖଥାଉକି ଯେଉଁଠାରେ ଉଚ୍ଚ ନ୍ୟାୟାଳୟ କିମ୍ବା ସର୍ବୋଚ୍ଚ ନ୍ୟାୟାଳୟରେ ସନ୍ତୋଷ ଜନକ ଭାବେ ପ୍ରମାଣିତ ହୁଏ ଯେ, ଏପରି ଶ୍ରମିକ ନିଯୁକ୍ତ ଥିଲେ ଏବଂ ସେପରି କୌଣସି ଅବଧି କିମ୍ବା ଏହାର କିଛି ଅଂଶ ମଧ୍ୟରେ ପର୍ଯ୍ୟାପ୍ତ ପାରିଶ୍ରମିକ ପାଉଥିଲେ, ସେହି କ୍ଷେତ୍ରରେ ନ୍ୟାୟାଳୟ ଆଦେଶ ଦେବେ ଯେ, ଏହି ଧାରା ଅଧୀନରେ ଯଥାସ୍ଥିତି ଆଂଶିକ ଅବଧି ପାଇଁ କୌଣସି ମଜୁରୀ ଆଦେଶ କରାଯିବ ନାହିଁ ।]"*

ଅଧିନିର୍ଣ୍ଣୟ ବିରୁଦ୍ଧରେ ରିଟ୍ ଆବେଦନର ଏକ କାର୍ଯ୍ୟାନୁଷ୍ଠାନ ନିର୍ଣ୍ଣୟ ସମ୍ବନ୍ଧରେ ପ୍ରବର୍ତ୍ତନ ବ୍ୟବସ୍ଥାରେ କୌଣସି ସ୍ୱାଭାବିକ ଭିତ୍ତିଭୂମି ନାହିଁ । ସର୍ବୋଚ୍ଚ ନ୍ୟାୟାଳୟଙ୍କ ସମ୍ମୁଖରେ ପ୍ରଶ୍ନ ଥିଲା ଯେ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁଯାୟୀ ଧାରା 17-B ଆବେଦନ ଏବଂ ରିଟ୍ ଆବେଦନ ଏକାସାଙ୍ଗରେ ପରିସମାପ୍ତ କରାଯିବା ଉଚିତ କି । ସର୍ବୋଚ୍ଚ ନ୍ୟାୟାଳୟ ଏହି ପ୍ରଶ୍ନର ଉତ୍ତର ଦେଇ କହିଥିଲେ ଯେ ଧାରା 17-B ଆବେଦନକୁ ବହୁତ ଶୀଘ୍ର ଏବଂ ରିଟ୍ ଆବେଦନର ପରିସମାପ୍ତି ହେବା ପୂର୍ବରୁ ପରିସମାପ୍ତ କରାଯିବା ଉଚିତ । ଶ୍ରୀଯୁକ୍ତ ଦାସ ଏହା ହିଁ ଚାହୁଁଛନ୍ତି ।

**5.** ଆମ ସମ୍ମୁଖରେ ପ୍ରଶ୍ନ ହେଉଛି, ବ୍ୟବସ୍ଥାରେ କୌଣସି ସ୍ୱାଭାବିକ ଭିତ୍ତିଭୂମି ନଥିବା ପରିସ୍ଥିତିରେ, ଆବେଦନକୁ କିପରି ପରିସମାପ୍ତ କରାଯିବ ? ଏହି ପ୍ରଶ୍ନର ଉତ୍ତର ଦେବା ପାଇଁ ଧାରା ଦ୍ୱାରା କଣ ପ୍ରଦାନ କରାଯାଇଛି ତାହା ଯତ୍ନର ସହ ଦେଖିବାକୁ ହେବ । ଏହା ସ୍ପଷ୍ଟ ଯେ, ଅନ୍ୟାନ୍ୟ ବିଷୟଗୁଡ଼ିକ ମଧ୍ୟରେ, ଯେଉଁଠାରେ ଜଣେ ଶ୍ରମିକ ଏକ ଶ୍ରମ ନ୍ୟାୟାଳୟଙ୍କ ସମ୍ମୁଖରେ ଏକ ପୁନଃପଦସ୍ଥ କରିବା ପାଇଁ ଏକ ଅଧିନିର୍ଣ୍ଣୟ ପାଇବାରେ ସଫଳ ହୋଇଛନ୍ତି, ନିଯୁକ୍ତିଦାତାଙ୍କ ଦ୍ୱାରା ଏହିପରି ଅଧିନିର୍ଣ୍ଣୟ ବିରୁଦ୍ଧରେ ଆଗତ କରାଯାଇଥିବା କୌଣସି କାର୍ଯ୍ୟାନୁଷ୍ଠାନର ବିଚାରାଧୀନତା, ଏହି ଶ୍ରମିକ ଜଣକ ଯଥେଷ୍ଟ ପାରିଶ୍ରମିକ ପାଉଥିବା ସମୟରେ ନିଯୁକ୍ତ ହୋଇଥିବା ପ୍ରଶମନର ପ୍ରବଧାନର ସନ୍ତୁଷ୍ଟି ସହିତ ଶ୍ରମିକଙ୍କୁ ତାଙ୍କ ଦ୍ୱାରା ଶେଷ ଥର ପାଇଁ ନିଆଯାଇଥିବା ସମ୍ପୂର୍ଣ୍ଣ ମଜୁରୀ ସମେତ କୌଣସି ଗ୍ରହଣୀୟ ରକ୍ଷଣାବେକ୍ଷଣ ଭତ୍ତା ବିଚାରାଧୀନତା ସମୟରେ ପ୍ରଦାନ କରିବାକୁ ଉତ୍ତରଦାୟୀ କରିଥାଏ । ଆବେଦନକାରୀ କିମ୍ବା ପ୍ରତିପକ୍ଷ ସଂଖ୍ୟା 2 ଦ୍ୱାରା ଆମ ସମ୍ମୁଖରେ ଏ ମଧ୍ୟରେ ଶ୍ରମିକଜଣଙ୍କୁ ନିଯୁକ୍ତି ମିଳିଥିବାର ସନ୍ତୁଷ୍ଟି ପାଇବା ପାଇଁ କିଛି ପ୍ରଦର୍ଶନ କରାଯାଇ ନାହିଁ । ସେହିପରି ଏହାର ପ୍ରଭାବକୁ ଅସ୍ୱୀକାର କରିବା ପାଇଁ ବ୍ୟବସ୍ଥାରେ କିଛି ନାହିଁ, ଯଦି ନିଯୁକ୍ତିଦାତା କାର୍ଯ୍ୟାନୁଷ୍ଠାନରେ ସଫଳ ହୁଅନ୍ତି ଏବଂ ଅଧିନିର୍ଣ୍ଣୟକୁ ରଦ୍ଦ କରନ୍ତି । ଏହି ପରିସ୍ଥିତିରେ, ଏହା ପ୍ରତିକାର ପାଇଁ ଏକ ବର୍ଦ୍ଧିତ ଦାବି ଅଟେ । ସାଧାରଣତଃ କାର୍ଯ୍ୟାନୁଷ୍ଠାନର

HIGH COURT ORISSA
सत्यमेव जयते

ବିଚାରଧୀନତାର ଅବଧି ପାଇଁ ମାସକୁ ମାସ ଯୋଡ଼ାଯାଇଥିବା ଶ୍ରମିକଙ୍କର ଦେଣା ପରିଶୋଧ କରିବା ଦାବି ରହିଛି ।

**6.** ଏହା ନୁହେଁ ଯେ ଶ୍ରମିକ ସେହି ପରିସ୍ଥିତିରେ ପ୍ରତିକାରହୀନ ଅଟନ୍ତି ଯେଉଁଠାରେ ନିଯୁକ୍ତିଦାତା ଶ୍ରମିକଙ୍କୁ ଦେୟ କିମ୍ବା ରିହାତି ଦିଅନ୍ତି ନାହିଁ, ଏଥି ପାଇଁ ଯେ, ଏହିପରି ଅଧିନିର୍ଣ୍ଣୟକୁ ଆପତ୍ତି କରି ଏକ କାର୍ଯ୍ୟାନୁଷ୍ଠାନ ଦାଖଲ କରିଛନ୍ତି । ଏହି ନିର୍ଦ୍ଦିଷ୍ଟ ମାମଲାରେ, ଶ୍ରମିକ ସମୟାନୁକ୍ରମେ ସୂଚିତ ହୋଇଥିବା କ୍ରିୟାଶୀଳ ସର୍ବନିମ୍ନ ମଜୁରୀ ହାରରେ ପ୍ରତିକାର ମାଗିଛନ୍ତି । ତାଙ୍କ ଅଧିକାରର କଳନା କରିବା ପାଇଁ ତାଙ୍କୁ ପ୍ରଥମେ ଧାରା 33-C(2) ଅନୁଯାୟୀ ଶ୍ରମ ନ୍ୟାୟାଳୟକୁ ଯିବା ଉଚିତ । ତେବେ ଏହି ପ୍ରତିକାର କାର୍ଯ୍ୟକାରୀ କରିବା ପାଇଁ ଶ୍ରମିକଙ୍କ ପାଖରେ ଥିବା ସମସ୍ତ ପ୍ରତିକାର ବିଷୟରେ ଆମେ ବିଚାର କରୁନାହୁଁ । ଆମେ କେବଳ ଉପରୋକ୍ତ ବିଷୟରେ ସୂଚାଇ ଦେଇଛୁ ।

**7.** ଶ୍ରମିକ ମଧ୍ୟ ଆମର ଉପରୋକ୍ତ ଦୃଷ୍ଟିକୋଣ ଅନୁଯାୟୀ ଏହାର ପ୍ରତିକାର ପାଇପାରିବେ । ଆବେଦନକୁ ପରିସମାପ୍ତ କରିଦିଆଗଲା ।

**8.** ଏହି ରିଟ୍ ଆବେଦନକୁ ଶୁଣାଣି ପାଇଁ 2 ଫେବୃଆରୀ, 2024ତାରିଖରେ ତାଲିକାଭୁକ୍ତ କରନ୍ତୁ ।

HIGH COURT
सत्यमेव जयते
ORISSA

*(ଅରିନ୍ଦମ ସିହ୍ନା)*
*ନ୍ୟାୟମୂର୍ତ୍ତି*

*(ଏମ୍.ଏସ୍. ସାହୁ)*
*ନ୍ୟାୟମୂର୍ତ୍ତି*

*ଏସ୍ କେ ଏସ୍*

## ଅସ୍ୱୀକରଣ

“ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।”

ଅନୁବାଦିକା : ସୁଶ୍ରୀ ଲୋପାମୁଦ୍ରା ମହାନ୍ତି

ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ

HIGH COURT ORISSA